# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକି ଉଠିବ ଚନ୍ଦନଯାତ୍ରା



ବଇଣ୍ଡା,୪।୫(ପରିକ୍ଷିତ ସାହୁ)

■ଚଳିତବର୍ଷ ୪୮ ବର୍ଷରେ ପଦାର୍ପଣ

■ବଇଣ୍ଡାବାସୀଙ୍କ ମଧ୍ୟରେ ନୂଆ ଉତ୍ସାହ

■ଶେଷ ପର୍ଯ୍ୟାୟରେ ଆକର୍ଷଣୀୟ ସାଜସଜ୍ଜା

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଛକରେ ଚନ୍ଦନ ଯାତ୍ରା ଆସନ୍ତା ଗୁରୁବାରଠାରୁ ଆରମ୍ଭ ହେବ। ଏହି ଯାତ୍ରା ସହ ୫ ଦିନ ଧରି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ବଇଣ୍ଡା ଛକ ଚଳଚଞ୍ଚଳ ହୋଇଉଠିଛି। ଚଳିତ ବର୍ଷ ଏହି ଯାତ୍ରା ୪୮ ବର୍ଷରେ ପଦାର୍ପଣ କରିବ। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ନୂଆ ଉତ୍ସାହ, ଆନନ୍ଦ ଭରିଯାଇଛି। ଧୁମଧାମରେ ଆୟୋଜନ ଚାଲିଥିବାବେଳେ ରଙ୍ଗବେରଙ୍ଗ ଆଲୋକମାଳା, ଭଳିକି ଭଳି ଉଠା ଦୋକାନ ଓ ଦୋଳି ଯାତ୍ରା ପଡ଼ିଆରେ ସଜେଇ ହୋଇଛି। ବିଶେଷକରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନ୍ୟତମ ଆକର୍ଷଣ ସାଜିବାକୁ ଥିବାବେଳେ ଏଥିଯୋଗୁ ବଇଣ୍ଡା ଛକ ଦୁଲୁକି ଉଠିବ ବୋଲି କୁହାଯାଉଛି।

ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ କହିବା ଅନୁଯାୟୀ ଛେଣ୍ଡିପଦା ବ୍ଲକ ଆଉଁଳି ଅଞ୍ଚଳର ପିତୁନ୍ଦୁ ବାବା ୧୯୭୭ ମସିହାରେ ବଇଣ୍ଡା ଗ୍ରାମରେ ଚନ୍ଦନ ଯାତ୍ରା ଆରମ୍ଭ କରିଥିଲେ। ଏହା ପରଠାରୁ ପ୍ରତ୍ୟେକ ବର୍ଷ ବଇଣ୍ଡାରେ ଚନ୍ଦନ ଯାତ୍ରା ପାଳନ ହେଉଛି। ଚଳିତବର୍ଷ ବଇଣ୍ଡା ଗ୍ରାମବାସୀ ଓ ଯାତ୍ରା କମିଟି ପକ୍ଷରୁ ବହୁ ଯୋଜନା ପ୍ରସ୍ତୁତ କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ପଡ଼ିଆର ବ୍ୟବସ୍ଥା କରାଯାଇଛି। ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଚଳିତବର୍ଷ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଥିବାବେଳେ ଗ୍ରାମବାସୀଙ୍କ ଦାନ ଅର୍ଥରେ ଏହି ଯାତ୍ରା ଅନୁଷ୍ଠିତ ହେବ। ବଇଣ୍ଡା ଅଞ୍ଚଳରେ ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ସରିଥିବାବେଳେ ବେଳେ ଚଳିତବର୍ଷ ଗୋଟିଏ ପଟେ ଶୋଭାଯାତ୍ରା ଓ ଅନ୍ୟପଟେ ଗାଡି ଯାତାୟତ କରାଯିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

### ଗ୍ରାମବାସୀ ଏକଜୁଟ ହୋଇଛନ୍ତି



“ଚନ୍ଦନ ଯାତ୍ରା ପାଇ ବଇଣ୍ଡା ଗ୍ରାମବାସୀ ଏକଜୁଟ ହୋଇଛନ୍ତି। ଯାତ୍ରା ପଡ଼ିଆରେ ମିନାବଜାର, ଦୋଳି ଆଦି ପାଇଁ ସମସ୍ତ ବ୍ୟବସ୍ଥା ହୋଇଛି। ଶୃଙ୍ଖଳାର ସହ ଯାତ୍ରା ପାଳନ ଦିଗରେ ଦୃଷ୍ଟି ଦିଆଯାଉଛି। ଅଞ୍ଚଳବାସୀଙ୍କ ସହଯୋଗ ଦ୍ୱାରା ଏହି ଯାତ୍ରାକୁ ସଫଳ କରାଯିବ।

–ବିନୀତ ସାହା, ଯାତ୍ରା କମିଟି ସଭାପତି

### ଆଧୁନିକୀକରଣ ଦିଗରେ ଗୁରୁତ୍ୱ



“ଚଳିତ ବର୍ଷ ଚନ୍ଦନ ଯାତ୍ରାର କିଭଳି ଆଧୁନୀକରଣ ହେବ ସେ ଦିଗରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଯାତ୍ରା ପଡ଼ିଆରେ ବ୍ୟାପକ ସାଜସଜ୍ଜା ଚାଲିଛି। ଠାକୁରଙ୍କ ଶୋଭାଯାତ୍ରା କିଭଳି ଶୃଙ୍ଖଳାର ସହ ହେବ ସେ ନେଇ ପଦକ୍ଷେପ ନିଆଯାଇଛି।

–ମାନସ ରଞ୍ଜନ ସାହୁ, ଯାତ୍ରା କମିଟି ସମ୍ପାଦକ

### ସପ୍ତାହେ ବୁଲିବ ଦୋଳି



“ଚଳିତବର୍ଷ ୫ ଦିନ ଧରି ଏହି ଯାତ୍ରା ଅନୁଷ୍ଠିତ ହେବ। ସପ୍ତାହେ ଯାଏ ମିନାବଜାର ସହ ଦୋଳିର ପସରା ମେଲିବ। ବଇଣ୍ଡା ଗ୍ରାମବାସୀ, ବ୍ୟବସାୟୀ, ତଥା ବିଭିନ୍ନ ବ୍ୟକ୍ତିଙ୍କ ଅନୁଦାନରୁ ଏହି ଯାତ୍ରା ପାଇଁ ପାଣ୍ଠି ଯୋଗାଡ଼ କରାଯାଇଛି। ପ୍ରଶାସନ ସହଯୋଗ କରୁଛି।

–ମାନସ ସାହୁ, ବଇଣ୍ଡା

### ଗ୍ରାମବାସୀ ପରମ୍ପରା ବଜାୟ ରଖିଛନ୍ତି



“ଦୀର୍ଘ ୪୮ ବର୍ଷହେବ ବଇଣ୍ଡା ଗ୍ରାମବାସୀ ପରମ୍ପରା ବଜାୟ ରଖିଛନ୍ତି। ୧୫ ହଜାର ଟଙ୍କାରୁ ଯାତ୍ରା ଆରମ୍ଭ ହୋଇ ଚଳିତବର୍ଷ ୧୨ ଲକ୍ଷ ଟଙ୍କାରେ ପହଞ୍ଚିଛି। ଏହି ଯାତ୍ରା ପାଇଁ ବଇଣ୍ଡା ବେଶ୍ ପରିଚିତ ଥିବାବେଳେ ବହୁ ଯୁବପିଢି ଏହି ଯାତ୍ରାରେ ସାମିଲ ହୋଇଛନ୍ତି।

–ଅରବିନ୍ଦ ସାହୁ, ଉପସଭାପତି

### ଶୃଙ୍ଖଳା ରକ୍ଷା ଦିଗରେ ବ୍ୟାପକ ପ୍ରସ୍ତୁତି



“ଚନ୍ଦନ ଯାତ୍ରାରେ ଶୃଙ୍ଖଳା ରକ୍ଷା ଦିଗରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶୋଭାଯାତ୍ରା ବେଳେ ମଧ୍ୟ ପୋଲିସ ମୁତୟନ କରାଯିବ। ଚୋରା ମଦ କାରବାର ଓ ବିଶୃଙ୍ଖଳାକୁ ପ୍ରଶ୍ରୟ ଦିଆଯିବ ନାହିଁ।

–ରାଜେଶ ଶତପଥୀ, ହଣ୍ଡପା ଆଇଆଇସି



ଅନୁଗୋଳ ସାତକୋଶିଆ ଅଭୟାରଣ୍ୟରେ କଲରାପତରିଆ ବାଘ।

# ଅଭିଯୋଗର ଶୀଘ୍ର ସମାଧାନ ନିର୍ଦ୍ଦେଶ



ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ସହ ଅନ୍ୟମାନେ।

ଅନୁଗୋଳ, ୪।୫ (ଦିବ୍ୟଶାନ୍ତନୁ ନାଥ)/ ବଇଣ୍ଡା, (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ୍ ସଭାଗୃହ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ଯୋଗଦେଇ ୪୪ଟି ଅଭିଯୋଗର ଶୁଣାଣି କରିବା ସହ କିପରି ସମସ୍ତ ଅଭିଯୋଗ ଶୀଘ୍ର ସମାଧାନ ହେବ ସେ ନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୪ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୭ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିରଞ୍ଚି ବାଗ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଆସିଷ୍ଟାଣ୍ଟ କଲେକ୍ଟର ସଞ୍ଜୟ କୁମାର ଭୋଇ, ମୁଖ୍ୟ ଜିଲା କୃଷି ଅଧିକାରୀ ବିନୋଦ କୁମାର ଦଲାଇ, ଉପ ନିର୍ଦ୍ଦେଶକ ଉଦ୍ୟାନ ଅମର ଲୁଗୁନ, ଜିଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଠମଲ୍ଲିକ ଉପଜିଲାପାଳ ଉପେନ୍ଦ୍ର ଲୁହା, କିଶୋରନଗର ତହସିଲଦାର ବିକ୍ରମ ନାୟକ, ବିଡିଓ ଶୁଭକାନ୍ତ ନାୟକ, ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ଆଠମଲ୍ଲିକ ଏସ୍‌ଡିପିଓ ସୁଶାନ୍ତ କୁମାର ତାଉଡ଼ିଆଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ସେହିପରି ଅନୁଗୋଳ ଜିଲା କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରତିମୟଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୩୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ୪ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୨ ହଜାର ୫୦୦ ଟଙ୍କା ଓ ୫ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୩୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା।

# ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା

ବଇଣ୍ଡା,୪।୫(ପରିକ୍ଷିତ ସାହୁ)

ଶିକ୍ଷା ବିକାଶ ସମିତିର ଯୋଜନା ଅନୁସାରେ କିଶୋରନଗର ବ୍ଲକ ବଇଣ୍ଡା ସଙ୍କୁଳର ସଙ୍କୁଳସ୍ତରୀୟ ଆଚାର୍ଯ୍ୟ କାର୍ଯ୍ୟଶାଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବଇଣ୍ଡାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯ଟି ବିଦ୍ୟାଳୟରୁ ମୋଟ ୧୩୬ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ। କ୍ଷେତ୍ରୀୟ କାର୍ଯ୍ୟକର୍ତ୍ତା ସୁଧୀର କୁମାର ନାୟକ କାର୍ଯ୍ୟଶାଳାକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷକ ଭାବେ ସୁଶାନ୍ତ ତ୍ରିପାଠୀ, ମଙ୍ଗୁଲୁ ସାହୁ, ଅଭିମନ୍ୟୁ ବାରିକ, ସତ୍ୟବ୍ରତ ସାମଲ, ତରୁଣ କୁମାର ଦାଶ, ନିଗମାନନ୍ଦ କୋଳତା, ପ୍ରଦୀପ ସାହୁ ଓ ଜ୍ୟୋତ୍ସ୍ନାମୟୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଶିଶୁ ବାଟିକାର ଶୈକ୍ଷିକ କାର୍ଯ୍ୟରେ ଅନ୍ନପୂର୍ଣ୍ଣା ରାଉତ, ନମିତା ପ୍ରଧାନ, ଦୀପ୍ତିମୟୀ ସାହୁ ଓ ବିଳାସିନୀ ଦେବୀ ସହଯୋଗ କରିଥିଲେ। ଉଦ୍‌ଯାପନ ଛତ୍ରରେ ଶିକ୍ଷା ବିକାଶ ସମିତି ପୂର୍ବତନ ପ୍ରାନ୍ତନିରୀକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ ଓ ବିଦ୍ୟାଳୟ ସମ୍ପାଦକ ନିତ୍ୟାନନ୍ଦ ବାରିକ ଯୋଗଦେଇଥିଲେ। ସଙ୍କୁଳ ସଂଯୋଜକ ରବୀନ୍ଦ୍ରନାଥ ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ସହ ପ୍ରଧାନ ଆଚାର୍ଯ୍ୟା ଜ୍ୟୋତ୍ସ୍ନାମୟୀ ପ୍ରଧାନ ଶୈକ୍ଷିକ ସଂଯୋଜନା କରିଥିଲେ।



କାର୍ଯ୍ୟଶାଳାରେ ମଞ୍ଚାସୀନ ଅତିଥିମାନେ।

# ବ୍ଲକ୍ ଟପ୍ପରଙ୍କୁ ଶୁଭେଚ୍ଛା ଜଣାଇଲେ ବିଧାୟକ



୨ ଛାତ୍ରଙ୍କୁ ତାଳଚେର ବିଧାୟକ ସମ୍ବର୍ଦ୍ଧନା ଦେଉଛନ୍ତି।

କଣିହାଁ,୪।୫(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକରୁ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ର୍ୟାଙ୍କ ହାସଲ କରି ଟପ୍ପର ହୋଇଥିବା ପିଏମ୍‌ଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ସ୍ୱୟଂ ପ୍ରକାଶ ସାହୁ ଓ ଜନତା ହାଇସ୍କୁଲ ବଜ୍ରକୋଟର ସୌମ୍ୟରଞ୍ଜନ ସାମଲଙ୍କୁ କଣିହାଁ ବ୍ଲକ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଦିଆଯାଇଛି। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଉପସ୍ଥିତ ରହି ଉଭୟଙ୍କୁ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଞ୍ଚଳର ନାଁ ରଖିଥିବାରୁ ପରିବାରବର୍ଗ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗକୁ ମଧ୍ୟ ପ୍ରଶଂସା କରିଛନ୍ତି। ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଭାରପ୍ରାପ୍ତ ଅଧ୍ୟକ୍ଷ ସିଦ୍ଧିପ୍ରସାଦ ସାହୁ, ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସାହୁ, ସରପଞ୍ଚ ସାନ୍ତୁନ ପ୍ରଧାନ, ବିଜେଡି ଜିଲା ଉପସଭାପତି ସୁନୀଲ ପ୍ରଧାନ, ବ୍ଲକ ସଭାପତି ପ୍ରଶାନ୍ତ ସାହୁ, ଜିତେନ୍ଦ୍ରୀୟ ସାହୁ, ଈଶ୍ୱର ସାହୁ, ବାବୁଲି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ୍ ଟପ୍ପର ଦେବବ୍ରତଙ୍କୁ ସମ୍ବର୍ଦ୍ଧନା



ଆଠମଲ୍ଲିକ ବ୍ଲକ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଆଠମଲ୍ଲିକ,୪।୫(ଉଦୀପ୍ତ ପୁରୋହିତ)

ମାଟ୍ରିକ ପରୀକ୍ଷାରେ ଆଠମଲ୍ଲିକ ବ୍ଲକରେ ୫୪୦ ନମ୍ବର ରଖି ଟପ୍ପର ହୋଇଥିବା ପଞ୍ଚାୟତିରାଜ ନୋଡାଲ ଉଚ୍ଚ ବିଦ୍ୟାଳୟ ସାନହୁଲାର ଛାତ୍ର ଦେବବ୍ରତ ପ୍ରଧାନଙ୍କୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ତରଫରୁ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। ଏବିଭିପି କାର୍ଯ୍ୟକର୍ତ୍ତାମାନେ ସାନହୁଲା ପଞ୍ଚାୟତ ବଡ଼ବର ଗ୍ରାମକୁ ଯାଇ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ପୁସ୍ତକ ଉପହାର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଜିଲା ସଂଯୋଜକ ଓ ଓଡ଼ିଶା ପୂର୍ବ ରାଜ୍ୟ ସିଡିଡି ସଂଯୋଜକ ଉମେଶ ବାଘ, ନଗର ସମ୍ପାଦକ ଅସିତ ରଞ୍ଜନ ପ୍ରଧାନ ଏବଂ ନଗର ସହସମ୍ପାଦକ ରାହୁଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ତ୍ରିପବନ ବୁଦ୍ଧପୂର୍ଣ୍ଣିମା ପାଳିତ

ବଅଁରପାଳ,୪।୫(ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘ ଏବଂ ପଞ୍ଚଶୀଳ ବୁଦ୍ଧ ଟ୍ରଷ୍ଟ ଆନୁକୂଲ୍ୟରେ ପଞ୍ଚଶୀଳ ବୁଦ୍ଧ ବିହାର ପରିସରରେ ଗୌତମ ବୁଦ୍ଧଙ୍କ ୨୫୭୦ତମ ତ୍ରିପବନ ବୁଦ୍ଧପୂର୍ଣ୍ଣିମା ମହୋତ୍ସବ ୩ ଦିନ ଧରି ପାଳିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ କେଦାରନାଥ ଦେହୁରୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ଇଡି ପ୍ରଣବ କୁମାର ଦାସ ଓ ମୁଖ୍ୟବକ୍ତା ଭାବେ ଜୟଦୀପ ବୌଦ୍ଧ ଯୋଗଦେଇଥିଲେ। ବକ୍ତାମାନେ ବୁଦ୍ଧଙ୍କ ଅହିଂସା, କରୁଣା, ସମାନତା ଓ ଶାନ୍ତିର ବାର୍ତ୍ତା ଉପରେ ଆଲୋକପାତ କରିଥିଲେ। କୃଷ୍ଣ ସିଂ ଜଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।



# ସୁସ୍ଥ ସମାଜ ଗଠନ ଉପରେ ଆଲୋକପାତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ତାଳଚେର,୪।୫(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଚାଲିଥିବା ତ୍ରିଦିବସୀୟ ସଙ୍କୁଳ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ସଙ୍କୁଳ ସଂଯୋଜକ ବାବୁଲି କୁମାର ସାମଲଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୧୫୪ ଜଣ ଆଚାର୍ଯ୍ୟା, ଆଚାର୍ଯ୍ୟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକାରୀ ପ୍ରଧାନ ଆଚାର୍ଯ୍ୟ ଅନୀଲ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ମଧ୍ୟ ସମ୍ଭାଗ ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଶିଶୁମନ୍ଦିର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ଶିକ୍ଷାର ମାନ ବିକାଶ ସହ ଏକ ସୁସ୍ଥ ସମାଜ ଗଠନ କରିବା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟଶାଳାରେ ରାଷ୍ଟ୍ରୀୟ ଶିକ୍ଷାନୀତିର କାର୍ଯ୍ୟକାରିତା ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ପ୍ରସନ୍ନ କୁମାର ସାହୁ, କୈଳାସ ଚନ୍ଦ୍ର ମିଶ୍ର, ପ୍ରତାପ ଚନ୍ଦ୍ର ଦେହୁରୀ ଯୋଗଦେଇଥିଲେ।

# ସି' ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହେଲେ ଦେଢ଼ଫୁଟର ସୁନିତା

**ଜାତୀୟ ମୁକ୍ତ ଶିକ୍ଷାନୁଷ୍ଠାନରେ ପଢ଼ାଯିବ**

କାମାକ୍ଷାନଗର,୪।୫(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ମହୁଲପାଳ ପଞ୍ଚାୟତ ନିଗମାନନ୍ଦ ଉଚ୍ଚବିଦ୍ୟାଳୟର ଦେଢ଼ଫୁଟର ଛାତ୍ରୀ ସୁନିତା ନାଏକ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇ ଚର୍ଚ୍ଚାରେ ଥିଲେ। ରାଜ୍ୟର ସବୁଠାରୁ କମ୍ ଉଚ୍ଚତା ବିଶିଷ୍ଟ ଛାତ୍ରୀଭାବେ ସୁନିତା ମାଟ୍ରିକ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଛନ୍ତି। କାମାକ୍ଷାନଗର ବ୍ଲକ ସାରୁଆଳି ପଞ୍ଚାୟତ କଟା ଗ୍ରାମର ସୁନିତା କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେଉଥିଲେ।



ମା' ଓ ଭାଇଙ୍କ ସହ ଦେଢ଼ଫୁଟର ସୁନୀତା ନାଏକ।

ଠିକ୍‌ରେ କଥା କହିପାରୁ ନ ଥିବା ଓ ଶୁଣି ପାରୁ ନ ଥିବା ସୁନିତା ଜଣେ ସମ୍ପର୍କୀୟ ଭାଇଙ୍କ ସହାୟତାରେ ମାଟ୍ରିକ ପରୀକ୍ଷା ଦେଇ ସମୁଦାୟ ୬୦୦ ନମ୍ବରରୁ ୩୦୯ ନମ୍ବର ରଖି ସି ଗ୍ରେଡ୍‌ରେ ପାସ୍ କରିଛନ୍ତି। ସେ ତାଙ୍କ ମା' ସଞ୍ଜୁ ନାଏକ ଓ ଭାଇ ପ୍ରତାପ ନାଏକଙ୍କ ସହ ପରୀକ୍ଷାକେନ୍ଦ୍ରକୁ ଆସୁଥିଲେ। ପରିବାରର ସମର୍ଥନ ଓ ନିଜ ଦୃଢ଼ ଇଚ୍ଛାଶକ୍ତି ବଳରେ ସୁନିତା ମାଟ୍ରିକରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହାକୁ ନେଇ ସୁନିତାଙ୍କ ମା' ଓ ପରୀକ୍ଷାରେ ସହାୟତା କରିଥିବା ଭାଇ ବେଶ୍ ଖୁସିଥିବା ଜଣାପଡିଛି। ଆର୍ଥିକ ସ୍ୱଚ୍ଛଳ ନ ଥିବାରୁ ତାଙ୍କୁ ଆଗକୁ ପାଠ ପଢ଼ାଇବା ସମ୍ଭବ ନୁହେଁ ବୋଲି ଭାଇ ରାଜେଶ ନାଏକ କହିଛନ୍ତି। ଏ ନେଇ କାମାକ୍ଷାନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁ କହିଛନ୍ତି, ସୁନିତାଙ୍କ ପଢ଼ା ପାଇଁ ସରକାରୀ ସହାୟତା ଯୋଗାଇ ଦିଆଯିବ। ଜାତୀୟ ମୁକ୍ତ ଶିକ୍ଷାନୁଷ୍ଠାନରେ ବ୍ୟବସ୍ଥା କରାଇ ସୁନିତାଙ୍କୁ ଉଚ୍ଚଶିକ୍ଷିତା କରାଯିବ।

# ବିଜୟ ଉତ୍ସବ ପାଳିଲା ଢେଙ୍କାନାଳ ଭାଜପା

ଢେଙ୍କାନାଳ,୪।୫(ରତନ ନାୟାର)

ଢେଙ୍କାନାଳ ସହର ବସ୍‌ଷ୍ଟାଣ୍ଡ ନିକଟସ୍ଥ ହନୁମାନ ବାଟିକାଠାରେ ସୋମବାର ଅପରାହ୍ନ ୫ଟାରେ ଭାଜପା ପକ୍ଷରୁ ବିଜୟ ଉତ୍ସବ ପାଳିତ ହୋଇଥିଲା। ପଶ୍ଚିମବଙ୍ଗ, ଆସାମ, ପଣ୍ଡିଚେରୀରେ ଭାଜପା ତଥା ଏନ୍‌ଡିଏ ମେଣ୍ଟର ବିପୁଳ ବିଜୟକୁ ନେଇ ଏହି ଉତ୍ସବ ପାଳିତ ହୋଇଥିଲା। ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଝାଲମୁଢ଼ି ଖାଇବା ସହିତ ବିଜୟ ଉତ୍ସବ ପାଳନ କରିଥିଲେ। ବାଦ୍ୟଯନ୍ତ୍ରର ତାଳେତାଳେ ଭାଜପା ନେତୃବୃନ୍ଦ ଓ କର୍ମୀମାନେ ଖୁସିରେ ବିଜୟ ଉତ୍ସବ ପାଳନ କରୁଥିବା ଦେଖାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲା ଭାଜପା ପୂର୍ବତନ ସଭାପତି ନରେଶଚନ୍ଦ୍ର ମହାପାତ୍ର, ମିଳିତ ବଜାର ପୂଜା କମିଟି ସଭାପତି ରୁଦ୍ର ନାରାୟଣ ତ୍ରିପାଠୀ, ସନ୍ତୋଷ ରାଉତ ଓ ଦଳୀୟ ନେତୃବୃନ୍ଦ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।



ଭାଜପା ପକ୍ଷରୁ ବିଜୟ ଉତ୍ସବରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମେତ ଅନ୍ୟମାନେ।

